# NATIONAL NEWS BULLETIN (ODIA)

**28 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ସଂସଦର ଉଭୟ ସଦନରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ

- ଲୋକସଭାରେ ଆଜି ଅପରେସନ ସିନ୍ଦୂର ସଂପର୍କିତ ଆଲୋଚନା ଆରମ୍ଭ କରାଇ ନ ଦେବା ଦିଗରେ ବିରୋଧୀଙ୍କ କାର୍ଯ୍ୟକୁ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ସମାଲୋଚନା

- ଚଳିତବର୍ଷର ଅମରନାଥ ଯାତ୍ରାରେ ଏପର୍ଯ୍ୟନ୍ତ ୩ ଲକ୍ଷ ୭୭ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଦର୍ଶନ କରିସାରିଛନ୍ତି ପବିତ୍ର ଗୁମ୍ଫା

– ପୁଞ୍ଚ୍ ଜିଲ୍ଲାର ଶ୍ରୀବାବା ବୁଢ଼ାଅମରନାଥ ପୀଠକୁ ଆଜିଠାରୁ ଶ୍ରଦ୍ଧାଳୁଙ୍କର ୧୩ ଦିନିଆ ଯାତ୍ରା ଆରମ୍ଭ

ଏବଂ

- ପଞ୍ଜାବର ଲୁଧିଆନାରେ ଏକ ସଡ଼କ ଦୁର୍ଘଟଣାରେ ୬ଜଣଙ୍କର ମୃତ୍ୟୁ ।

## ପାର୍ଲାମେଣ୍ଟ

ଲୋକସଭାରେ ଆଜି ବିଭିନ୍ନ ପ୍ରସଙ୍ଗରେ ବିରୋଧୀ ସଦସ୍ୟମାନଙ୍କର ହଟ୍ଟଗୋଳ ଯୋଗୁଁ ସଦନକୁ ପର୍ଯ୍ୟାୟକ୍ରମେ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ଆଜି ପୂର୍ବାହ୍ଣ ୧୧ଟାରେ ଲୋକସଭାରେ ବାଚସ୍ପତି ଓମ୍ ବିର୍ଲା ପ୍ରଶ୍ନକାଳ ଆରମ୍ଭ କରିବାକୁ କହିଥିଲେ । ତେବେ

ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ବାତିଲ କରିବା ଦାବି ସମେତ ଅନ୍ୟାନ୍ୟ ପ୍ରସଙ୍ଗରେ ବିରୋଧୀ ସଦସ୍ୟମାନେ ବିଭିନ୍ନ ସ୍ଲୋଗାନମାନ ଦେବାର ପରିଲକ୍ଷିତ ହୋଇଥିଲା । ବିରୋଧୀଙ୍କ ହଙ୍ଗାମା ମଧ୍ୟରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ଶେଖାୱତ ସ୍ୱଚ୍ଛତା ସମ୍ବନ୍ଧୀୟ ଏକ ପ୍ରଶ୍ନର ଉତ୍ତର ରଖିଥିଲେ । ପ୍ରଶ୍ନକାଳ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଥିବାରୁ ଏଥିରେ ବିରୋଧୀ ସାଂସଦମାନେ ଅଂଶ ଗ୍ରହଣ କରିବାକୁ ଶ୍ରୀ ବିର୍ଲା ବାରମ୍ବାର ଅନୁରୋଧ କରିଥିଲେ ।

**V/O (Birla)**

ତେବେ ବିରୋଧୀ ସଦସ୍ୟମାନେ ଏହି ଅନୁରୋଧ ପ୍ରତି କୌଣସି କର୍ଣ୍ଣପାତ ନ କରିବାରୁ ଶ୍ରୀ ବିର୍ଲା ପ୍ରଥମେ ଗୃହକୁ ମଧ୍ୟାହ୍ନ ୧୨ଟା ଏବଂ ପରେ ଦୁଇଟି ପର୍ଯ୍ୟାୟରେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି ।

ରାଜ୍ୟସଭା କାର୍ଯ୍ୟ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହେବା ପରେ ଏଆଇଏଡିଏମ୍‌କେ ର ୨ଜଣ ସାଂସଦ ଏମ୍. ଧନପାଲ ଓ ଆଇ.ଏସ୍. ଇନ୍‌ବାଦୁରୀ ଶପଥ ଗ୍ରହଣ କରିଥିଲେ । ଉପାଧ୍ୟକ୍ଷ ହରିବଂଶ କହିଛନ୍ତି, ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଅନେକ ପ୍ରସଙ୍ଗରେ ୨୬ଟି ମୁଲତବୀ ନୋଟିସ୍ ତାଙ୍କର ହସ୍ତଗତ ହୋଇଛି । ମାତ୍ର ରୁଲିଂ ମାଧ୍ୟମରେ ସେସବୁଗୁଡ଼ିକ ଅଗ୍ରାହ୍ୟ କରିଦିଆଯାଇଛି ବୋଲି ଶ୍ରୀ ହରିବଂଶ କହିଛନ୍ତି । ଗୃହରେ ବିଭିନ୍ନ ପ୍ରସଙ୍ଗରେ ବିରୋଧୀ ଦଳ ସାଂସଦମାନେ ହଙ୍ଗାମା କରିବାରୁ ସଦନର କାର୍ଯ୍ୟକୁ ପ୍ରଥମେ ମଧ୍ୟାହ୍ନ ୧୨ଟା ଏବଂ ପରେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

---

# ରିଜିଜୁ-ଅପରେସନ ସିନ୍ଦୂର

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁଙ୍କ ସୂଚନା ଅନୁଯାୟୀ ଆଜି ଲୋକସଭାରେ ଅପରେସନ ସିନ୍ଦୂର ଉପରେ ଆଲୋଚନା ଆରମ୍ଭ ହେବାର କାର୍ଯ୍ୟସୂଚୀ ରହିଥିଲା ।

ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ଅନ୍ତର୍ଗତ ଭାରତର କାର୍ଯ୍ୟାନୁଷ୍ଠାନ ଉପରେ ଏକ ସ୍ୱତନ୍ତ୍ର ଆଲୋଚନା ଚଳିତ ମୌସୁମୀ ଅଧିବେଶନରେ ଅନୁଷ୍ଠିତ ହେବ ବୋଲି ଶ୍ରୀ ରିଜିଜୁ କହିଥିଲେ । ସେ କହିଥିଲେ, ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟ ପରାମର୍ଶଦାତା କମିଟି ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଲୋକସଭାରେ ଅପରେସନ ସିନ୍ଦୂର ସମ୍ପର୍କରେ ବିତର୍କ ପାଇଁ ୧୬ ଘଣ୍ଟା ସମୟ ଦିଆଯାଇଥିବା ବେଳେ ରାଜ୍ୟସଭାରେ ଆସନ୍ତାକାଲି ୧୬ ଘଣ୍ଟା ପାଇଁ ଆଲୋଚନା ଆରମ୍ଭ ହେବ । ବିରୋଧୀ ଦଳ ଗୁଡ଼ିକ ଅପରେସନ ସିନ୍ଦୂର ଉପରେ ଆଲୋଚନା ଦାବି କରୁଥିଲେ ଏବଂ ସରକାର ପ୍ରଥମ ଦିନରୁ ଏଥିଲାଗି ରାଜି ହୋଇଥିଲେ । ତେବେ ଆଜି ବିରୋଧୀ ଦଳ ଗୁଡ଼ିକ ପକ୍ଷରୁ ଲୋକସଭାରେ କ୍ରମାଗତ ଭାବେ ହଟ୍ଟଗୋଳ କରାଯିବା ଯୋଗୁଁ ସଦନକୁ ବାଚସ୍ପତି ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି ।

ଲୋକସଭାରେ ଅପରେସନ ସିନ୍ଦୂର ସଂପର୍କିତ ଆଲୋଚନା କରାଇ ନ ଦେବା ଲାଗି କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକର କାର୍ଯ୍ୟକଳାପକୁ ଶ୍ରୀ ରିଜିଜୁ ସମାଲୋଚନା କରିଛନ୍ତି । ଗଣମାଧ୍ୟମକୁ ଏ ସଂପର୍କରେ ନିଜ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ପୂର୍ବରୁ ବିରୋଧୀ ଦଳ ଗୁଡ଼ିକ ମଧ୍ୟ ଏହି ପ୍ରସଙ୍ଗରେ ସଂସଦରେ ଆଲୋଚନା କରିବା ଲାଗି ଦାବି କରିଆସୁଥିଲେ ।

ସରକାର ଆଜି ଯେତେବେଳେ ଅପରେସନ ସିନ୍ଦୂର ସଂପର୍କରେ ଆଲୋଚନା ଲାଗି ସମୟ ଧାର୍ଯ୍ୟ କରିଛନ୍ତି, ଏବେ ବିରୋଧୀ ଦଳଗୁଡ଼ିକ ପ୍ରସଙ୍ଗ ବଦଳାଉଛନ୍ତି । ଯାହାକି ଗଣତାନ୍ତ୍ରିକ ପ୍ରକ୍ରିୟାରେ ଆଦୌ ଠିକ୍ ନୁହେଁ ।

**V/O-Kiren Rijiju**

---

## ପ୍ରହ୍ଲାଦ ଯୋଶୀ

ଅପରେସନ ସିନ୍ଦୂର ସଂପର୍କରେ କଂଗ୍ରେସର ବରିଷ୍ଠ ନେତା ପି. ଚିଦାମ୍ବରମ୍ ଦେଇଥିବା ବକ୍ତବ୍ୟକୁ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ସମାଲୋଚନା କରିଛନ୍ତି । ଆଜି ସଂସଦ ବାହାରେ ଗଣମାଧ୍ୟମକୁ ଏ ସଂପର୍କରେ ନିଜର ପ୍ରତିକ୍ରିୟା ଦେଇ ଶ୍ରୀ ଯୋଶୀ କହିଛନ୍ତି, ଶ୍ରୀ ଚିଦାମ୍ବରମ୍ ଅନୁଭବ କରିବା ଉଚିତ ଯେ ତାଙ୍କର ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଦ୍ୱାରା ପାକିସ୍ତାନକୁ ଅଧିକ ବଳ ମିଳୁଛି ।

**V/O (Prahlad Josi)**

ବିଜେପି ସାଂସଦ ରାଜୀବ ପ୍ରତାପ ରୁଢ଼ୀ ମଧ୍ୟ କଂଗ୍ରେସ ନେତା ପି. ଚିଦାମ୍ବରମ୍‌ଙ୍କ ଏହି ବକ୍ତବ୍ୟକୁ ନିନ୍ଦା କରିଛନ୍ତି । ଆଜି ସଂସଦ ବାହାରେ ଆକାଶବାଣୀ ସମ୍ବାଦକୁ ଏ ସଂପର୍କରେ ପ୍ରତିକ୍ରିୟା ଦେଇ କହିଛନ୍ତି, ଅପରେସନ ସିନ୍ଦୂର ଦ୍ୱାରା ପାକିସ୍ତାନ ବିପକ୍ଷରେ ଭାରତର ବିଜୟ ପ୍ରତିଫଳିତ ହେଉଛି ।

**V/O (Rajib Pratap Rudhi)**

---

# ଅମରନାଥ ଯାତ୍ରା

ଜାମ୍ମୁ କାଶ୍ମୀରରେ ଚଳିତମାସ ୩ ତାରିଖରୁ ଆରମ୍ଭ ହୋଇଥିବା ଅମରନାଥ ଯାତ୍ରାରେ ଏପର୍ଯ୍ୟନ୍ତ ୩ ଲକ୍ଷ ୭୭ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମିଲ ହୋଇ ପବିତ୍ର ଅମରନାଥ ଗୁମ୍ଫା ଦର୍ଶନ କରିସାରିଛନ୍ତି । ଗତକାଲି ଶ୍ରୀନଗରର ଦଶ୍‌ନମୀ ଆଖଡ଼ା ସୌଧ ଭିତରେ ଥିବା ଶ୍ରୀ ଅମରେଶ୍ୱର ମନ୍ଦିରରେ ଛଡ଼ି ସ୍ଥାପନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା କାଲି ନାଗପଞ୍ଚମୀ ଅବସରରେ ସେହି ମନ୍ଦିରରେ ଛଡ଼ି ପୂଜନ ଅନୁଷ୍ଠିତ ହେବ । ଆସନ୍ତାମାସ ୪ ତାରିଖରୁ ଛଡ଼ି ମୋବାରଖର ଅନ୍ତିମ ଯାତ୍ରା ପବିତ୍ର ଗୁମ୍ଫା ଅଭିମୁଖେ ଆରମ୍ଭ ହେବ ।

---

# ଜେକେ-ବୁଢ଼ାଅମରନାଥ

ଜାମ୍ମୁ କାଶ୍ମୀରର ପୁଞ୍ଚ୍ ଜିଲ୍ଲା ଅନ୍ତର୍ଗତ ଲୋରାନ୍ ଉପତ୍ୟକାରେ ଅବସ୍ଥିତ ଶ୍ରୀ ବାବା ବୁଢ଼ା ଅମରନାଥ ପୀଠକୁ ଆଜିଠାରୁ ଶ୍ରଦ୍ଧାଳୁଙ୍କର ୧୩ ଦିନିଆ ଯାତ୍ରା ଆରମ୍ଭ ହୋଇଛି । ଆସନ୍ତାମାସ ୯ ତାରିଖ ଶ୍ରାବଣ ପୂର୍ଣ୍ଣିମା ତଥା ରକ୍ଷାବନ୍ଧନ ଅବସରରେ ଏହି ଯାତ୍ରା ସମାପ୍ତ ହେବ । କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଶ୍ରଦ୍ଧାଳୁ ଆଜି ଜାମ୍ମୁର ଭଗବତୀନଗର ଯାତ୍ରୀ ନିବାସରୁ ଯାତ୍ରା ଆରମ୍ଭ କରିଛନ୍ତି । ପୁଲସ୍ତି ନଦୀ କୂଳରେ ଲୋରାନ୍ ଉପତ୍ୟକାରେ ଜାମ୍ମୁଠାରୁ ୨୦୦ କିଲୋମିଟର ଦୂରରେ ତଥା ସମୁଦ୍ର ପତନଠାରୁ ପ୍ରାୟ ୪ ହଜାର ୬୦୦ ଫୁଟ୍ ଉପରେ ଏହି ଶ୍ରୀ ବାବା ବୁଢ଼ା ଅମରନାଥଙ୍କର ପୀଠ ଅବସ୍ଥିତ ।

---

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ ପ୍ରସାରଣ କରାଯିବ । ଆଜିର ବିଷୟବସ୍ତୁ ରହିଛି **ହେପାଟାଇଟିସ୍ ରୋଗର ନିରାକରଣ ଓ ଚିକିତ୍ସା** । ଆଇ.ଏଲ୍.ବି.ଏସ୍.

ହସ୍ପିଟାଲ୍‌ର ହେପାଟୋଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର୍ ଡାକ୍ତର ବିଶାଲ ଅରୋରା ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117   ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ ।

---

## ପଞ୍ଜାବ ଡେଡ୍

ପଞ୍ଜାବର ଲୁଧିଆନା ଜିଲ୍ଲାରେ ଗତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ୬ଜଣଙ୍କର ମୃତ୍ୟୁ ହୋଇଛି । ଲୁଧିଆନାର ମାନାକୁଆଲ୍ ଗ୍ରାମରେ ୨୯ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଗାଡ଼ିଟି ସିର୍‌ହିନ୍ଦ୍ କେନାଲ୍‌ରେ ଓଲଟି ପଡ଼ିବା ଯୋଗୁଁ ୨ ଜଣ ଶିଶୁ ଓ ୩ ମହିଳାଙ୍କ ସମେତ ୬ ଜଣଙ୍କର ମୃତ୍ୟୁ ହୋଇଛି । ୧୯ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୪ ଜଣ ନିଖୋଜ ଅଛନ୍ତି ।

ଲୁଧିଆନା ଉପାୟୁକ୍ତ ହିମାଂଶୁ ଜୈନ କହିଛନ୍ତି ସଂପୃକ୍ତ ଗାଡ଼ିଟି ଯାତ୍ରୀମାନଙ୍କୁ ନେଇ ଏକ ଧାର୍ମିକସ୍ଥଳରୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଜଳନ୍ଧର ସିଭିଲ୍ ହସ୍ପିଟାଲରେ ବୈଷୟିକ ତ୍ରୁଟି ଯୋଗୁଁ ଅକ୍ସିଜେନ୍ ପ୍ଲାଣ୍ଟରୁ ଯୋଗାଣ ବନ୍ଦ ହୋଇଯିବା ଫଳରେ ୩ ଜଣଙ୍କର ମୃତ୍ୟୁ ହୋଇଛି । ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ବଲବୀର ସିଂ ଘଟଣାସ୍ଥଳ ପରିଦର୍ଶନ କରିବା

ପରେ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ୨୪ ଘଣ୍ଟା ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରାଯିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି ।

## ବାରବାଙ୍କୀ-ଷ୍ଟାମ୍ପେଡ୍

ଉତ୍ତରପ୍ରଦେଶର ବାରବାଙ୍କୀସ୍ଥିତ ଐଶାନେଶ୍ୱର ମହାଦେବ ମନ୍ଦିରରେ ଆଜି ସକାଳେ ବିଦ୍ୟୁତ୍ ତାର ଛିଡ଼ିପଡ଼ିବା ଯୋଗୁଁ ୨ ଜଣଙ୍କର ମୃତ୍ୟୁ ହେବା ସହ ୧୭ ଜଣ ଆହତ ହୋଇଛନ୍ତି । ଆଜି ଶ୍ରାବଣ ମାସର ତୃତୀୟ ସୋମବାର ଅବସରରେ ଶ୍ରଦ୍ଧାଳୁମାନେ ମହାଦେବ ମନ୍ଦିରରେ ଧାଡ଼ି ହୋଇ ପୂଜା କରିବାକୁ ଯାଉଥିବା ସମୟରେ ଏଭଳି ଅଘଟଣ ଘଟିଥିବା କୁହାଯାଉଛି । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏଥିରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗ ଲାଗି ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ଆହତମାନଙ୍କର ତ୍ୱରିତ ଚିକିତ୍ସା ଲାଗି ସେ ନିର୍ଦ୍ଦେଶ ଦେଇଛନ୍ତି ।